NATIONAL NEWS BULLETIN (ODIA)

2 May- 2025

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- କେରଳଠାରେ ପ୍ରଧାନମନ୍ତ୍ରୀ ଦେଶର ପ୍ରଥମ ଅର୍ଦ୍ଧ ସ୍ୱୟଂଚାଳିତ ଭିଜିଞ୍ଜାମ୍ ଆନ୍ତର୍ଜାତିକ ଗଭୀର ଜଳ ବହୁବିଧ ବନ୍ଦରକୁ ଲୋକାର୍ପଣ କରିଛନ୍ତି ।

- ଆନ୍ଧ୍ରପ୍ରଦେଶର ଅମରାବତୀଠାରେ ଆଜି ସନ୍ଧ୍ୟାରେ ପ୍ରାୟ ୫୮ ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

- ୩ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଲେ ଆଙ୍ଗୋଲା ରାଷ୍ଟ୍ରପତି ।

- ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଗୁଜରାଟ ଟାଇଟନ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ହେବ ମୁକାବିଲା

ପିଏମ୍-କେରଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେରଳରେ ଦେଶର ପ୍ରଥମ ଅର୍ଦ୍ଧ ସ୍ୱୟଂଚାଳିତ ଭିଜିଙ୍ଗ୍ ଜାମ୍ ଆନ୍ତର୍ଜାତିକ ଗଭୀର ଜଳ ବହୁବିଧ ବନ୍ଦରକୁ ଲୋକାର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ସାମୁଦ୍ରିକ ଭିତ୍ତିଭୂମିର ବିକାଶ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ବନ୍ଦର ନୂତନ ଯୁଗର ବିକାଶ ଓ ଏକ ଉତ୍ତମ ମଡେଲ୍ । ଏହା ଦେଶ ଏବଂ କେରଳ ପାଇଁ ବୃହତ ଅର୍ଥନୈତିକ ସ୍ଥିରତା ଏବଂ ଅଭିବୃଦ୍ଧି ଆଣିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଭବିଷ୍ୟତରେ ଏହି ବନ୍ଦରରେ ବର୍ତ୍ତମାନର ପରିବହନ ୩ ଗୁଣ ବୃଦ୍ଧି ପାଇବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହା କାର୍ଯ୍ୟକ୍ଷମ ହେବା ପରେ ଭାରତୀୟ ବନ୍ଦର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ। ଏହାଛଡ଼ା କେରଳକୁ ବିଶ୍ୱ ସାମୁଦ୍ରିକ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ମିଳିବ । ପରେ ପ୍ରଧାନମନ୍ତ୍ର ବନ୍ଦରର ନିୟନ୍ତ୍ରଣ ପ୍ରକ୍ରିୟା ସମୀକ୍ଷା କରିବା ସହ ପରିଚାଳନା ଶୌଧ ପରିଦର୍ଶନ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି:

V/O

ସରକାରୀ-ଘରୋଇ ଭାଗିଦାରୀ ମଡେଲରେ ବିକଶିତ ହୋଇଥିବା ଏହି ବନ୍ଦରର ପ୍ରଥମ ପର୍ଯ୍ୟାୟର ମୁଖ୍ୟ ଅଂଶ ୨୦୨୪ ଡିସେମ୍ବରରେ ସଂପନ୍ନ ହୋଇଥିଲା । ଏହି ମଡେଲ୍ ଅଧୀନରେ ୮ ହଜାର ୯ଶହ କୋଟି ଟଙ୍କା ବ୍ୟୟରେ ଏହି ବନ୍ଦର ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ପ୍ରାୟ ୩ ଦଶନ୍ଧିର ଅପେକ୍ଷା ପରେ କେରଳର ବହୁପ୍ରତୀକ୍ଷିତ ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏହି ସମାରୋହରେ କେରଳ ରାଜ୍ୟପାଳ ରାଜେନ୍ଦ୍ର

ବିଶ୍ୱନାଥ ଆର୍ଲେକର, ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ, ଜର୍ଜ କୁରିଆନ୍, ରାଜ୍ୟ ମନ୍ତ୍ରିଗଣ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ଥିଲେ ।

ପିଏମ୍-ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ଅମରାବତୀଠାରେ ୫୮ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିବିଧ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏ ସଂପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ଦେଶବ୍ୟାପୀ ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ସଂଯୋଗୀକରଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଆଜି ପ୍ରଧାନମନ୍ତ୍ରୀ ଆନ୍ଧ୍ରପ୍ରଦେଶରେ ୭ଟି ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଅନ୍ୟ ୬ଟି ଜାତୀୟ ରାଜପଥ ଏବଂ ଗୋଟିଏ ରେଳ ପ୍ରକଳ୍ପ ଲାଗି ଶିଳାନ୍ୟାସ କରିବେ ।

ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ଆନ୍ଧ୍ରପ୍ରଦେଶର ନୂତନ ରାଜଧାନୀ ଅମରାବତୀ ଠାରେ ବିଧାନସଭା, ଉଚ୍ଚ ନ୍ୟାୟାଳୟ, ସଚିବାଳୟ ସମେତ ଅନ୍ୟାନ୍ୟ ପ୍ରଶାସନିକ ସୌଧର ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିବେ । ଏଥିଲାଗି ୧୧ ହଜାର ୨୪୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିଭଳି ଏହି ଅବସରରେ ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ମୋଡ୍‌ରେ ନାଗାୟାଲଙ୍କାଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ ରେଞ୍ଜ୍ ଏବଂ ବିଶାଖାପଟନମ୍‌ଠାରେ ପିଏମ୍ ଏକତାମଲ୍ ପ୍ରତିଷ୍ଠା ଲାଗି ଶିଳାନ୍ୟାସ କରିବେ ।

ଆଙ୍ଗୋଲା ପ୍ରେଜ୍-ଭିଜିଟ୍

ଆଙ୍ଗୋଲା ରାଷ୍ଟ୍ରପତି ଜୋଆଓ ମାନୁଏଲ୍ ଗନ୍‌କାଲଭ୍‌ସ ଲୋରେଙ୍କୋ ୩ ଦିନିଆ ଭାରତ ଗସ୍ତରେ ଆସି ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବିମାନ ବନ୍ଦରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ତାଙ୍କୁ ସ୍ୱାଗତ କରିଥିଲେ । ଲୋରେଙ୍କୋଙ୍କ ସହ ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବ୍ୟବସାୟ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କର ଏକ ଉଚ୍ଚସ୍ତରୀୟ ଦଳ ଏହି ଗସ୍ତରେ ଆସିଛନ୍ତି । ଦୀର୍ଘ ୩୮ ବର୍ଷ ପରେ ଆଙ୍ଗୋଲା ରାଷ୍ଟ୍ରପତିଙ୍କର ଏହା ପ୍ରଥମ ଗସ୍ତ । ଉଭୟ ଦେଶର କୂଟନୈତିକ ସ୍ଥାପନର ୪୦ତମ ବାର୍ଷିକୀ ପୂର୍ତ୍ତି ଅବସରରେ ଆଙ୍ଗୋଲା ରାଷ୍ଟ୍ରପତି ନୂଆଦିଲ୍ଲୀ ଆସିଛନ୍ତି ।

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିସରରେ ଆଙ୍ଗୋଲା ରାଷ୍ଟ୍ରପତିଙ୍କୁ ଅନୁଷ୍ଠାନିକ ଭାବରେ ସ୍ୱାଗତ କରାଯିବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଅତିଥିମାନେ ଏକ ନୈଶ୍ୟ ଭୋଜିରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ଏକ ପ୍ରତିନିଧି ସ୍ତରୀୟ ଆଲୋଚନା କରିବା ସହ ଅନେକ ଦ୍ୱିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷର କରିବାର କାର୍ଯ୍ୟସୂଚୀ ରହିଛି । ଦୁଇଦେଶ ମଧ୍ୟରେ ପୁଞ୍ଜି ନିବେଶ ଏବଂ ବାଣିଜ୍ୟିକ ସଂପର୍କକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନୂଆଦିଲ୍ଲୀଠାରେ ଆସନ୍ତା ରବିବାର ଦିନ ଆଙ୍ଗୋଲାର ରାଷ୍ଟ୍ରପତି ଏକ ବ୍ୟବସାୟିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଉଭୟ ଦେଶ

ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଥିବା ଦୃଷ୍ଟିରୁ ବିକାଶ ଭାଗିଦାରତା ଦକ୍ଷତା ବୃଦ୍ଧି ସହଯୋଗ ଏବଂ ପ୍ରତିରକ୍ଷା ସଂପର୍କ ମଧ୍ୟ ଦୃଢ଼ୀଭୂତ ହେବ।

ସୂଚନାଯୋଗ୍ୟ, ମିଳିତ ଜାତିସଂଘ ସମେତ ବିଭିନ୍ନ ବହୁପକ୍ଷୀୟ ସମ୍ମିଳନୀରେ ଉଭୟ ଦେଶ ପରସ୍ପରର ପ୍ରାର୍ଥିତ୍ୱକୁ ସମର୍ଥନ କରିଆସୁଛନ୍ତି ।

ପିୟୁଷ ଗୋୟଲ

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ ଏବଂ ୟୁରୋପୀୟ ବାଣିଜ୍ୟ ଓ ଅର୍ଥନୈତିକ ନିରାପତ୍ତା କମିଶନର ମାରୋଶ୍ ସେଫ୍‌କୋଭିକ୍ ଚଳିତବର୍ଷ ଶେଷସୁଦ୍ଧା ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ଶେଷ କରିବାକୁ ସେମାନଙ୍କ ମିଳିତ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ବେଲ୍‌ଜିୟମର ବ୍ରସେଲ୍‌ସଠାରେ ଗତକାଲି ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଉଭୟ ପକ୍ଷ ବିଶ୍ୱ ବାଣିଜ୍ୟ ଆହ୍ୱାନର ମୁକାବିଲା ପାଇଁ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ ଅନୁଷ୍ଠିତ ଆଲୋଚନାକୁ ଫଳପ୍ରଦ ବୋଲି ବର୍ଣ୍ଣନା କରିବା ସହ ବ୍ୟବସାୟ ଗୁଡ଼ିକ ପାଇଁ ବଜାର ପ୍ରବେଶ ବୃଦ୍ଧି ବିଶ୍ୱସନୀୟତା ଏବଂ ବିବିଧ ଯୋଗାଣ ଶୃଙ୍ଖଳକୁ ପ୍ରୋତ୍ସାହିତ କରିବାକୁ ଗୁରୁତ୍ୱ ଦେଇଛନ୍ତି । ଉଭୟ ପକ୍ଷ ଏଥିରେ ଅର୍ଥନୀତି ଅଭିବୃଦ୍ଧ ପାଇଁ ନିଜର ଭାଗିଦାରୀତାକୁ ପ୍ରୋତ୍ସାହନ ଦେବାପାଇଁ ଗୁରୁତ୍ୱାରୋପ କରିଛନ୍ତି । ଉଦ୍‌ଭାବନ ଓ ପ୍ରତିବଦ୍ଧତାକୁ ପ୍ରୋତ୍ସାହିତ କରିବା ସହ ଏହି ଚୁକ୍ତି ଦେଶ ଗଠନରେ ସହାୟକ ହେବ ବୋଲି ଶ୍ରୀ ଗୋୟଲ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭନ୍‌ଙ୍କ ନେତୃତ୍ୱରେ ଉଭୟ ଭାରତ ଓ ୟୁରୋପୀୟ ସଂଘ ନିରନ୍ତର ବିକାଶ ଉପରେ ଗୁରୁତ୍ୱାରୋପ କରିଛି ବୋଲି ସେ କହିଛନ୍ତି।

ଦିଲ୍ଲୀ-ରେନ୍

ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ଓ ବଜ୍ରପାତ ହେବା ଫଳରେ ବିଭିନ୍ନ ସ୍ଥାନ ଜଳବନ୍ଦୀ ହେବା ସହ ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଦ୍ୱାରକା ଅଞ୍ଚଳର ଖରଖରି ଗ୍ରାମ୍ୟ କେନାଲ୍‌ରେ ଏକ ଚାଷଜମିରେ ନିର୍ମିତ ନଳକୂପ ଉପରେ ଗଛ ପଡ଼ିଯିବାରୁ ଜଣେ ମହିଳା ଏବଂ ତାଙ୍କର ଦୁଇ ସନ୍ତାନଙ୍କର ପ୍ରାଣହାନୀ ଘଟିଛି । ପ୍ରତିକୂଳ ପାଗ କାରଣରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ସକାଳେ ମଜ୍‌ନୋକାତିଲା ଅଞ୍ଚଳ ଗସ୍ତ କରି ଜଳବନ୍ଦୀ ସମସ୍ୟା ଅନୁଧ୍ୟାନ କରିବା ସହ ଏହାର ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

V/O

(Rekha Gupta)

କିଟ୍

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ମନ୍ତ୍ରଣାଳୟ କହିଛି, ଏହି ଘଟଣା ସଂପର୍କରେ ଅବଗତ ହେବା ପରେ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗ କରାଯାଇଛି । ମୃତକଙ୍କ ପରିବାରକୁ ଓଡ଼ିଶା ସରକାର ସଂପୂର୍ଣ୍ଣ ସହଯୋଗ କରିବା ସହ ଓଡ଼ିଶା ପୋଲିସ୍ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି। କେନ୍ଦ୍ର ସରକାର ସମସ୍ତ

ଆନ୍ତର୍ଜାତିକ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ନିରାପତ୍ତା ଓ କଲ୍ୟାଣକୁ ଗମ୍ଭୀରତାର ସହ ନେଉଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ନେପାଳ କର୍ତ୍ତୃପକ୍ଷ, ଓଡ଼ିଶା ସରକାର ଏବଂ କିଟ୍ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯାଇ ଘଟଣାର ତଦନ୍ତ କରାଯାଉଛି ବୋଲି ବୈଦେଶିକ ମନ୍ତ୍ରଣାଳୟ କର୍ତ୍ତୃପକ୍ଷ କହିଛନ୍ତି ।

ପଞ୍ଜାବ –ସ୍ପେଶାଲ ସେସନ୍

ପଞ୍ଜାବ ସରକାର ଆସନ୍ତା ୫ ତାରିଖରେ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ହରିଆଣାକୁ ଜଳ ପୁନଃ ନିଷ୍କାସନ ପ୍ରସଙ୍ଗରେ ଏହି ଅଧିବେଶନରେ ଆଲୋଚନା ହେବ ବୋଲି ଜଣାପଡ଼ିଛି । ରାଜ୍ୟ ସରକାର ଏହି ସ୍ୱତନ୍ତ୍ର ଅଧିବେଶନରେ ଜଳପ୍ରସଙ୍ଗ ନେଇ ସ୍ୱତନ୍ତ୍ର ସଂକଳ୍ପ ଆଣିବେ ବୋଲି ସୂଚନା ମିଳିଛି ।

ଅପରପକ୍ଷରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂ ମାନ୍ ଚଣ୍ଡୀଗଡ଼ଠାରେ ଏକ ସର୍ବଦଳୀୟ ବୈଠକ ଡାକି ଏ ବିଷୟରେ ଆଜି ଆଲୋଚନା କରିଛନ୍ତି ।

କେଦାରନାଥ

ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାରେ ଥିବା କେଦାରନାଥ ଧାମର ଦ୍ୱାର ଆଜି ସକାଳୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯାଇଛି । ବୈଦିକ ମନ୍ତ୍ର ଓ ସ୍ୱତନ୍ତ୍ର ରୀତିନୀତି ମଧ୍ୟରେ ଏହି ଦିବ୍ୟ ମୁହୂର୍ତ୍ତକୁ ଦେଖିବା ପାଇଁ ଦେଶ ବିଦେଶରୁ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି । ଭକ୍ତି, ବିଶ୍ୱାସ ଏବଂ ଶ୍ରଦ୍ଧାର ସହ କେଦାରନାଥ ପବିତ୍ର ଉପତ୍ୟକା ଆଧ୍ୟାତ୍ମିକ ଉତ୍ସାହରେ ଗୁଞ୍ଜରିତ ହୋଇଛି ।

ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଗୁଜରାଟ ଟାଇଟନ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ମୁକାବିଲା ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ' ରାଜସ୍ଥାନ ରୟାଲ୍‌ସକୁ ୧୦୦ ରନ୍‌ରେ ପରାସ୍ତ କରିଛି । ଜୟପୁର ସୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ୨୧୭ ରନ୍ କରିଥିଲା । ଦଳ ପକ୍ଷରୁ ରିଆନ୍ ରିକେଲ୍‌ଟନ୍ ସର୍ବାଧିକ ୬୧ ରନ୍ କରିଥିଲେ । ରାଜସ୍ଥାନ ରୟାଲ୍‌ସ ପକ୍ଷରୁ ମହିଶ୍ ଥିଖାନା ଏବଂ ରିୟାନ୍ ପରାଗ୍ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ୨୧୮ ରନ୍ ବିଜୟ ଲକ୍ଷ୍ୟର ପିଛା କରି ରାଜସ୍ଥାନ ରୟାଲ୍‌ସ ୧୬ ଓଭର୍ ଗୋଟିଏ ବଲ୍‌ରେ ମାତ୍ର ୧୧୭ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ । ଦଳ ପକ୍ଷରୁ ଜୋଫ୍ରା ଆର୍ଚର ସର୍ବାଧିକ ୩୦ ରନ୍ କରିଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଟ୍ରେଣ୍ଟ ବୋଲ୍‌ଟ ଏବଂ କେ. ଶର୍ମା ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ରିଆନ୍ ରିକେଲ୍‌ଟନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।